CAREERINDIA

## PART-IV

## LANGUAGE-I

## ODIA

| |
|---|
| ପରୀକ୍ଷାର୍ଥୀ **ଭାଷା-I** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ-IV** ରେ **(ପ୍ରଶ୍ନ ସଂଖ୍ୟା 91 - 120)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟାକରିବା ଉଚିତ୍ **।** |

**ନିମ୍ନଲିଖିତ ଅନୁଚ୍ଛେଦ ପାଠକରି ପଶ୍ନସଂଖ୍ୟା 91-99 ର ଉତ୍ତର ଦିଅ ।**

ସ୍ୱାର୍ଥପରତା ତୁଲ୍ୟ ପ୍ରତିହିଂସା ମଧ ମାନବକୁ ଅମୂଳକ ମନ୍ତବ୍ୟ ପ୍ରକାଶରେ ସାହାଯ୍ୟ କରିଥାଏ । ପ୍ରତିହିଂସା ପ୍ରଣୋଦିତ ହୋଇ କେତେକ ଲୋକ ଶତ୍ରୁମାନଙ୍କ ଅବାସ୍ତବ ଚିତ୍ର ପ୍ରଦାନ କରିଥାନ୍ତି । ଏହି ପ୍ରତିହିଂସା ଗ୍ରହଣ କରିବାର ପ୍ରବୃତ୍ତିଟି ସେମାନଙ୍କୁ ଏତେଦୂର ଅନ୍ଧୀଭୂତ କରିପକାଏ ଯେ, ସେମାନେ ନିଜନିଜର ଶତ୍ରୁମାନଙ୍କର କେତେକ ସାମାନ୍ୟ ଦୁର୍ଗୁଣ ପ୍ରତି ଦୃଷ୍ଟିଦେଇ, ସେହିବଳରେ ସେମାନଙ୍କ ମନୁଷ୍ୟତ୍ୱର ବିକଳଚିତ୍ର ଦେବାକୁ ସର୍ବଦା ଚେଷ୍ଟା କରନ୍ତି; ପୁଣି ପରଶ୍ରୀକାତରତା ପ୍ରଭୃତି ଜଘନ୍ୟ ବ୍ୟାଧିର ବଶୀଭୂତ ହୋଇ ସେମାନେ ପରର ଉନ୍ନତିରେ ଏତେ ମର୍ମାହତ ହୋଇପଡ଼ନ୍ତି ଯେ, ନିଜର ମହତ୍ତ୍ୱ ଲୋପ ଭୟରେ ସେମାନେ ସର୍ବଦା ଉନ୍ନତି-ଲିପ୍ସରୁ ଗତି-ପଥରେ କଣ୍ଟକ ନିକ୍ଷେପ କରନ୍ତି, ଏବଂ ଉନ୍ନତିଶୀଳ ଲୋକର ପ୍ରତିପତ୍ତି ନଷ୍ଟ କରିବା ଉଦ୍ଦେଶ୍ୟରେ ନିନ୍ଦୁକତା ଅବଲମ୍ବନପୂର୍ବକ ତାର ଅଯଥା ନିନ୍ଦା ରଚନା କରି ବୁଲନ୍ତି । ମାତ୍ର ସର୍ବଦା ମନେରଖିବା ଉଚିତ ଯେ ପ୍ରତିହିଂସା, ପରଶ୍ରୀକାତରତା ଓ ନିନ୍ଦୁକତା ବଳରେ କୌଣସି ଲୋକ ଅପରର ପ୍ରତିପତ୍ତି ନଷ୍ଟ କରିବାର ସଫଳକାମ ହୋଇପାରି ନାହିଁ କି ହୋଇପାରିବ ନାହିଁ । ସେଗୁଡ଼ିକର ସାମୟିକ ଉତ୍ତେଜନା ତାର ମଙ୍ଗଳ ନିମିତ୍ତ ନୁହେଁ, ବରଂ ତାହାର ଜୀବନକୁ କଳୁଷିତ କରିବାର ପ୍ରକୃଷ୍ଟ ଉପାୟ । ପ୍ରକୃତ ପ୍ରତିହିଂସା କୌଣସି ଶତ୍ରୁର ଅଯଥା ଦୋଷ ଦେଖାଇ ତାର ପ୍ରତିପତ୍ତି ନଷ୍ଟ କରିବାରେ ନାହିଁ-ଅଛି କେବଳ ତାହାକୁ ସଂଶୋଧନ କରି ନିଜର ମିତ୍ର ରୂପରେ ପରିଣତ କରିବାରେ । ପୁଣି ପରଶ୍ରୀକାତରତାରେ ଅନ୍ଧୀଭୂତ ହୋଇ ତୁମ୍ଭେ ପରର ଅନିଷ୍ଟ କରିପାର; ମାତ୍ର ମନେରଖ, ତାହା କରିବା ଦ୍ୱାରା ତୁମ୍ଭର ନିଜର କୌଣସି କଲ୍ୟାଣ ସାଧିତ ହେବନାହିଁ । ବରଂ ଏହି ପାପ ପ୍ରବୃତ୍ତିଟି ଘୃଣାରୂପରେ ତୁମ୍ଭର ସମସ୍ତ ସରସତା ନଷ୍ଟ କରି, ପରିଶେଷରେ ତୁମ୍ଭଙ୍କୁ ଗୋଟିଏ ହିଂସ୍ରଜନ୍ତୁରେ ପରିଣତ କରିଦେବ ଏବଂ ତଜ୍ଜନିତ ବ୍ୟାକୁଳତା ବଳରେ ତୁମ୍ଭଙ୍କୁ ଉନ୍ମତ୍ତ ପ୍ରାୟ କରି ତୁମ୍ଭର ବିନାଶ କରି ସାଧନ କରିବ । ସେହିପରି, ନିନ୍ଦୁକତା ଗୋଟିଏ ବଡ଼ କୁତ୍ସିତ ବ୍ୟାଧି । ଲୋକମାନଙ୍କର ସୁଗୁଣଗୁଡ଼ିକ ପ୍ରତି ଦୃଷ୍ଟି ନଦେଇ କେବଳ ସେମାନଙ୍କର କୁତ୍ସା ଗାଇବୁଲିବା, ମକ୍ଷିକାମାନଙ୍କର କୌଣସି କ୍ଷତ ଉପରେ ବସି ରହିବା ସଙ୍ଗେ ସମାନ । ପୁଣି ଯେଉଁ ନିନ୍ଦୁକତା ବଳରେ ତୁମ୍ଭେ ଅପରର ଦୁର୍ଗୁଣ ଗାଇବାକୁ ପ୍ରସ୍ତୁତ, ତାହା କଣ ତୁମ୍ଭର ଗୋଟିଏ ଦୁର୍ଗୁଣ ନୁହେଁ ? ସ୍ୱୀକାର କରୁଅଛୁଁ, ଜୀବନକ୍ଷେତ୍ରରେ ନିନ୍ଦାର ସ୍ଥାନ ଅଛି; ମାତ୍ର ତାହା ବୋଲି କହୁନାହୁଁ ଯେ, କୁପ୍ରବୃତ୍ତିରେ ଚାଳିତ ନିନ୍ଦାଗାନ କୌଣସି ସମୟରେ ହେଲେ ପ୍ରଶଂସନୀୟ ଓ ହିତକର ।

**91.** ଲେଖକ କାହାକୁ ଏକ ମାରାତ୍ମକ ରୋଗ ବୋଲି କହିଛନ୍ତି ?

(1) ପରଶ୍ରୀକାତରତା (2) ପାରିବାରିକ ଅନ୍ଧମୋହ (3) ବିଷୟବାସନା (4) ବ୍ୟକ୍ତିସ୍ୱାର୍ଥ

**92.** ପ୍ରତିହିଂସା ଦ୍ୱାରା ପରିଚାଳିତ ହୋଇ ମଣିଷ କାହାର ଅବାସ୍ତବ ଚିତ୍ର ପ୍ରଦାନ କରିଥାଏ ?

(1) ଶତ୍ରୁର (2) ମିତ୍ରର (3) ଦେଶର (4) ପଡ଼ୋଶୀର

**93.** ମଣିଷକୁ କେଉଁ ପ୍ରବୃତ୍ତି ଅନ୍ଧ କରିପକାଏ ?

(1) ପ୍ରତିହିଂସା (2) ପ୍ରଶୁପ୍ରବୃତ୍ତି (3) ଇତର ପ୍ରବୃତ୍ତି (4) କାମପ୍ରବୃତ୍ତି

**94.** 'ସରସତା' - ର କେଉଁଟି ବିପରୀତ ଶବ୍ଦ ?

(1) ନିରସତା (2) ହ୍ରାସତା (3) ଆସନ୍ନତା (4) ପ୍ରସନ୍ନତା

**95.** କାହାକୁ ଏକ କୁତ୍ସିତ ବ୍ୟାଧି ବୋଲି କୁହାଯାଇଛି ?

(1) ପ୍ରତିହିଂସା ପ୍ରବୃତ୍ତି (2) ଲୋଲୁପଦୃଷ୍ଟି (3) ନିନ୍ଦୁକତା (4) ପରସ୍ୱାପହରଣ

www.careerindia.com

CAREERINDIA

**101.** ଇତିହାସର ବୁକୁରେ କିଏ ଅପଯଶର ଅଧିକାରୀ ହୋଇଛି ?

(1) ରାଜଶକ୍ତି (2) ଦେଶସେବୀ (3) ଅତ୍ୟାଚାରୀ ଶାସକ (4) ଜନଶକ୍ତି

**102.** କବିତାରେ 'ନିଶାଣ' ଶବ୍ଦର ଅର୍ଥ କାହାକୁ ବୁଝାଉଛି ?

(1) ଖୁନ୍ଦ (2) ଚିହ୍ନ (3) ପତାକା (4) ଛଳନା

**103.** କାହାର ମସ୍ତକ ଉପରେ ପ୍ରହାର ହେଉଥିବା କଥା କବି କହିଛନ୍ତି ?

(1) ଦେଶ (2) ସତ୍ୟ ସ୍ୱାଧୀନତା (3) ସଭ୍ୟତା (4) ଜାତି

**104.** ଦେବଦୂତମାନଙ୍କୁ କି ପ୍ରକାର ଦଣ୍ଡ ଦିଆଯାଇଛି ?

(1) ଅମାନୁଷିକଦଣ୍ଡ (2) ଲାଠିଦଣ୍ଡ (3) ଚାବୁକଦଣ୍ଡ (4) ମୃତ୍ୟୁଦଣ୍ଡ

**105.** ମାନବ ସଭ୍ୟତା ମୁଖରେ କାହାର ପରିସୀମା ନାହିଁ ବୋଲି କୁହାଯାଇଛି ?

(1) ସବିତାର (2) ନିର୍ଯାତନାର (3) ଅନ୍ୟାୟ ଅନୀତିର (4) କଳଙ୍କ କାଳିମାର

**106.** ଉତ୍ପାଦନକ୍ଷମ ଶବ୍ଦଜ୍ଞାନ କ'ଣ ?

(1) ବାକ୍ୟ ବାହାରେ ପଢ଼ିଲେ ଶବ୍ଦ ଜାଣିପାରନ୍ତି

(2) ଲିଖନ ଓ କଥନରେ ଯେଉଁ ଶବ୍ଦ ଆମେ ବ୍ୟବହାର କରନ୍ତି

(3) ପାଠକଙ୍କ ପାଇଁ ଯାହା ନୂତନ ଶବ୍ଦ

(4) ଆମେ ଯେପରି ଶୁଣନ୍ତି ଶବ୍ଦକୁ ସେପରି ମନେ କରିବା

**107.** ଏଥିମଧ୍ୟରୁ କେଉଁ କୌଶଳ ବୋଧଶକ୍ତି ଆଧାରରେ ପଠନ ସମ୍ପର୍କରେ ବ୍ୟବହୃତ ହୋଇ ନଥାଏ ?

(1) ପ୍ରସଙ୍ଗର ଅନୁମାନ କରିବା

(2) ଘଟଣା ବା ବିଚାରକୁ ଉପଯୁକ୍ତ କ୍ରମରେ ରଖି ଆକଳନ କରିବା

(3) ଏପର୍ଯ୍ୟନ୍ତ ପଢ଼ିଥିବା ପାଠ୍ୟର ସାରାଂଶ ମନରେ ରଖିବା

(4) ପ୍ରତ୍ୟେକ ଅକ୍ଷର ଉପରେ ଗୁରୁତ୍ୱ

**108.** ଜଣେ ଶିକ୍ଷକ ତାଙ୍କର ଶିକ୍ଷାର୍ଥୀଙ୍କୁ ଦେଇଥିବା ଅନୁଭୂତି ଆଧାରିତ ପ୍ରଶ୍ନର ଉତ୍ତର ସେମାନେ କିପରି କରିଛନ୍ତି ଏବଂ ସେମାନେ ଉତ୍ତର ଲେଖିବା ବେଳେ କ'ଣ ମନେ କରୁଥିଲେ ଜାଣିବାକୁ ଚାହିଁଲେ । ଏହା କାହାର ଉଦାହରଣ ?

(1) ମେଟାଫର (2) ମେଟାଲିଙ୍ଗୁଆଲିଜିମ୍ (3) ମେଟା ସେମିଓଟିକ୍ସ (4) ମେଟା କଗ୍‌ନିସନ୍

**109.** ଦ୍ୱିତୀୟ ଭାଷା ଶିକ୍ଷଣରେ ଏଥିମଧ୍ୟରୁ କେଉଁଟି ବ୍ୟବହୃତ ବ୍ୟାକରଣ-ଅନୁବାଦ ପଦ୍ଧତିର ଏକ ଗୁଣ ନୁହେଁ ?

(1) ଦ୍ୱିତୀୟ ଭାଷାର ବ୍ୟାକରଣ ଜ୍ଞାନ ଜାଣି ଅଭ୍ୟାସ କରିବା

(2) ସିଧାସଳଖ ଦ୍ୱିତୀୟ ଭାଷାରେ କଥୋପକଥନ କରିବା ଏବଂ ପରେ ଦୁଇଟି ଭାଷାର ବ୍ୟାକରଣର ତୁଳନା କରିବା

(3) ଭାଷାର କାର୍ଯ୍ୟ ଅପେକ୍ଷା ତା'ର ଗଠନ ଉପରେ ଅଧିକ ଗୁରୁତ୍ୱ ଦେବା

(4) ପ୍ରଥମ ଓ ଦ୍ୱିତୀୟ ଭାଷାର ବ୍ୟାକରଣ ଜ୍ଞାନର ତୁଳନା

www.careerindia.com

CAREERINDIA

**110.** ମଣିଷର ଭାଷାର କେଉଁ ବୈଶିଷ୍ଟ୍ୟ ଯୋଗୁଁ ମଣିଷ ଏପରି ଜିନିଷ ସମ୍ପର୍କରେ କହେ ଯାହା ସେ ସ୍ଥାନର ବା ସମୟର ନୁହେଁ ?

(1) ଯାଦୃଚ୍ଛିକ (2) ଗଠନ ଉପରେ ନିର୍ଭର

(3) ଅସଲଗ୍ନ (4) ସ୍ଥାନାନ୍ତରୀକରଣ

**111.** ଏଥିମଧ୍ୟରୁ କେଉଁଟି 'ଭାଷା ଅଧ୍ୟୟନ ଯନ୍ତ୍ର' (LAD) ଧାରଣ ସମ୍ପର୍କରେ ସୂଚନା ଦେଇନଥାଏ ?

(1) ଚାରି-ପାଞ୍ଚ ଦଶ ବୟସରେ ସ୍ୱଳ୍ପ ସମୟ ମଧ୍ୟରେ ପିଲାମାନେ କିପରି ଭାଷା ଶିକ୍ଷା କରିଥାନ୍ତି

(2) ପିଲାମାନେ ଆଳଂକାରିକ ଭାଷା କିପରି ଶିକ୍ଷା କରିଥାନ୍ତି

(3) କାହିଁକି ପିଲାମାନଙ୍କ ଭାଷାତାତ୍ତ୍ୱିକ ଆଉଟ୍‌ପୁଟ୍, ଇନ୍‌ପୁଟ୍ ତୁଳନାରେ ଅଧିକ

(4) ପିଲାମାନେ କିପରି ତାଙ୍କର ପ୍ରଥମ ଭାଷା ଶିକ୍ଷା କରିଥାନ୍ତି

**112.** ଭାଷା ଓ ଉପଭାଷା ସମ୍ପର୍କରେ ଏଥିମଧ୍ୟରୁ କେଉଁଟି ଭାଷାତାତ୍ତ୍ୱିକ ଦୃଷ୍ଟିକୋଣରୁ ଠିକ୍ ?

(1) ଭୌଗୋଳିକ ପରିବେଶ ସମାନ ହେଲେ ସୁଦ୍ଧା ଭାଷା ଓ ଉପଭାଷା ଭାଷାତାତ୍ତ୍ୱିକ ଦୃଷ୍ଟିକୋଣରୁ ଅଲଗା

(2) ଭାଷାର ନିଜସ୍ୱ ଲିପି ଥିବା ବେଳେ, ଉପଭାଷାର ଲିପି ନଥାଏ

(3) ଭାଷା ଓ ଉପଭାଷା ମଧ୍ୟରେ ଗ୍ରହଣୀୟ ଭାଷାତାତ୍ତ୍ୱିକ ବିଭିନ୍ନତାର ଉଲ୍ଲେଖ ନାହିଁ

(4) ଭାଷାର ଲିଖିତ ସାହିତ୍ୟ ଥିବାବେଳେ ଉପଭାଷାର କଥିତ ସାହିତ୍ୟ ଥାଏ

**113.** ଏଥିମଧ୍ୟରୁ କେଉଁଟି ପଠନ କୌଶଳ ନିମନ୍ତେ ବର୍ଣ୍ଣ ଓ ଅକ୍ଷରର ସାହାଯ୍ୟ ନନେଇ ଶବ୍ଦ ଏବଂ ପାଠ୍ୟର ବ୍ୟବହାର ସପକ୍ଷରେ ଯୁକ୍ତି ନୁହେଁ ?

(1) ଶବ୍ଦ ଓ ପାଠ୍ୟ ଅର୍ଥଦ୍ୟୋତକ ହେଲାବେଳେ ଅକ୍ଷର ତାହା କରିପାରେ ନାହିଁ

(2) ଶବ୍ଦ ଓ ପାଠ୍ୟ ପଠନ ଆଗ୍ରହ ବଢ଼ାଏ, ଅକ୍ଷର ନୁହେଁ

(3) ଶବ୍ଦ ଅପେକ୍ଷା ଗୋଟିଏ ଗୋଟିଏ ଅକ୍ଷରକୁ ମନେରଖିବା କଷ୍ଟସାଧ୍ୟ

(4) ପଠନ ଆରମ୍ଭ କରୁଥିବା ଶିକ୍ଷାର୍ଥୀ ଛୋଟଭାଗ ତୁଳନାରେ ଉତ୍ତମ ଏବଂ ବଡ଼ଭାଗ ବାଛିବେ

**114.** ମାତୃଭାଷା ଆଧାରିତ ବହୁଭାଷିକତା କ'ଣ ଯୁକ୍ତି କରେ ?

(1) ରାଜ୍ୟର ଭାଷାରେ ସମସ୍ତ ଶିକ୍ଷାର୍ଥୀ ଶିକ୍ଷା ଆରମ୍ଭ କରିଥାନ୍ତି

(2) ସମସ୍ତ ଶିକ୍ଷାର୍ଥୀ ଇଂରାଜୀ ଓ ପରିବାରର ଭାଷା ମାଧ୍ୟମରେ ଶିକ୍ଷା ଆରମ୍ଭ କରନ୍ତି

(3) ସମସ୍ତ ଶିକ୍ଷାର୍ଥୀ ହିନ୍ଦୀକୁ ପ୍ରଥମ ଭାଷା ନେଇ ଶିକ୍ଷା ଆରମ୍ଭ କରିଥାନ୍ତି

(4) ସମସ୍ତ ଶିକ୍ଷାର୍ଥୀ ସେମାନଙ୍କର ମାତୃଭାଷା କିମ୍ବା ପରିବାରର ଭାଷାରେ ଶିକ୍ଷା ଆରମ୍ଭ କରିଥାନ୍ତି

**115.** ଏଥିମଧ୍ୟରୁ କ୍ରାସେନ୍‌ଙ୍କର କେଉଁ ହାଇପୋଥେସିସ୍ ଯୋଗଟସ୍କିଙ୍କର ZPD ସହ ସମାନ ?

(1) ମନିଟର ହାଇପୋଥେସିସ୍ (2) ନେଚୁରାଲ୍ ଅର୍ଡର ହାଇପୋଥେସିସ୍

(3) ଆଫେକ୍ଟିଭ୍ ଫିଲ୍‌ଟର ହାଇପୋଥେସିସ୍ (4) ଇନ୍‌ପୁଟ୍ ହାଇପୋଥେସିସ୍

www.careerindia.com

**116.** କ୍ୟୁମିନ୍ସଙ୍କ ଅନୁସାରେ 'ଆର୍ନ୍ତନିର୍ଭରତା ଉପକଳ୍ପନା' ପରସ୍ପର ନିର୍ଭରଶୀଳ :

(1) ପ୍ରଥମ ଓ ଦ୍ୱିତୀୟ ଭାଷାରେ କଗ୍‌ନିଟିଭ୍ ଏକାଡେମିକ୍ ପ୍ରୋଫିସିଏନ୍ସି

(2) ଦ୍ୱିତୀୟ ଭାଷାରେ ପଠନ ଓ ଲିଖନ

(3) ପ୍ରଥମ ଓ ଦ୍ୱିତୀୟ ଭାଷାରେ ମୂଳ ଆର୍ନ୍ତବୈକ୍ତିକ କୌଶଳ

(4) ଦ୍ୱିତୀୟ ଭାଷାରେ ବୋଧଜ୍ଞାନ ଏବଂ ପ୍ରୟୋଗ

**117.** ପାଠ୍ୟ-ବୋଧଶକ୍ତି କୌଶଳ ସମ୍ପର୍କରେ ଏଥିମଧ୍ୟରୁ କେଉଁ ମନ୍ତବ୍ୟ ଠିକ୍ ନୁହେଁ ?

(1) ଅପସାରଣର ଅର୍ଥ ଗଭୀର ଅଧ୍ୟୟନ, ଏବଂ ନରୀକ୍ଷଣର ଅର୍ଥ ଦୃଷ୍ଟିପାତ

(2) ସମୀକ୍ଷା ନିମନ୍ତେ ଅପସାରଣ ଜରୁରୀ ହେବାବେଳେ ନିର୍ଦ୍ଦିଷ୍ଟ ପ୍ରଶ୍ନର ଉତ୍ତର ଦେବା ପାଇଁ ନରୀକ୍ଷଣ ଜରୁରୀ

(3) ପାଠ୍ୟକୁ ଦ୍ରୁତ ଗତିରେ ଦୃଷ୍ଟିପାତ ଦେବା ପାଇଁ ଅପସାରଣ ଓ ନରୀକ୍ଷଣ ଆବଶ୍ୟକ

(4) ଅପସାରଣର ଅର୍ଥ ହେଲା - ଗୋଟିଏ ପାଠ୍ୟକୁ ଶୀଘ୍ର ପଢ଼ିବା ଏବଂ ନିର୍ଦ୍ଦିଷ୍ଟ ତଥ୍ୟ ଜାଣିବା ପାଇଁ ନରୀକ୍ଷଣ ଆବଶ୍ୟକ

**118.** ଶିଶୁ ଯେତେବେଳେ ତା'ର ପାରିପାର୍ଶ୍ୱିକ ବସ୍ତୁ, ଘଟଣା ଓ ଅସାଧାରଣ ପଦାର୍ଥ ସମ୍ପର୍କରେ ଭାଷା ବ୍ୟବହାର କରି ପ୍ରଶ୍ନକରେ, ସେତେବେଳେ ସେ ଏଥିମଧ୍ୟରୁ ଭାଷାର କେଉଁ କାର୍ଯ୍ୟ ଅନ୍ୟ ତୁଳନାରେ ଅଧିକ ବ୍ୟବହାର କରିଥାଏ ?

(1) ନିୟନ୍ତ୍ରଣକାରୀ (2) ତଥ୍ୟସମ୍ବଳିତ (3) ଅନ୍ୱେଷଣ ପ୍ରବଣ (4) କଳ୍ପନାସୂଚକ

**119.** ଗୋଟିଏ ଭାଷା ସମ୍ପ୍ରଦାୟର ଭାଷାରେ /ସ/ ର ଉଚ୍ଚାରଣ ଦୁଇଟି ଭିନ୍ନ ସାମାଜିକ-ଅର୍ଥନୈତିକ ଗୋଷ୍ଠୀର ଭାଷାଭାଷୀଙ୍କର ପୃଥକ୍ ହେଉଛି । ଏହା କାହାର ଉଦାହରଣ ?

(1) ପ୍ରାୟୋଗିକ ପରିବର୍ତ୍ତନଶୀଳତା

(2) ସାମାଜିକ-ସାଂସ୍କୃତିକ ପରିବର୍ତ୍ତନଶୀଳତା

(3) ସାମାଜିକ-ମନସ୍ତାତ୍ତ୍ୱିକ ପରିବର୍ତ୍ତନଶୀଳତା

(4) ସମାଜକୈନ୍ଦ୍ରିକ ଭାଷାତତ୍ତ୍ୱର ପରିବର୍ତ୍ତନଶୀଳତା

**120.** ବୀରା ସାତମାସର ଶିଶୁ । ସେ ସ୍ୱର ଓ ବ୍ୟଞ୍ଜନ ଧ୍ୱନି ମିଶାଇ କିଛି ଧ୍ୱନି ବାହାର କରୁଛି । ସେ ଏଥିମଧ୍ୟରୁ କ'ଣ ବ୍ୟବହାର କରି ଭାବ ପ୍ରକାଶ କରୁଛି ?

(1) ଖନେଇବା (2) କୋମଳ ସ୍ୱରରେ କହିବା

(3) ଭାଷା (4) ଫୋନିମ୍

www.careerindia.com

## PART-V

## LANGUAGE-II

## ODIA

| |
|---|
| ପରୀକ୍ଷାର୍ଥୀ **ଭାଷା-II** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ-V** ରେ **(ପ୍ରଶ୍ନ ସଂଖ୍ୟା 121 - 150)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟାକରିବା ଉଚିତ୍ । |

**ନିମ୍ନ ଅନୁଚ୍ଛେଦ ପାଠକରି ପ୍ରଶ୍ନସଂଖ୍ୟା 121-128 ର ଉତ୍ତର ଦିଅ ।**

ଅଣସମାଜବାଦୀ ଦେଶରେ ଯେ କୌଣସି ଉପାୟରେ ଟଙ୍କା ଉପାର୍ଜନ କରିବା ଓ ଲାଭ କରିବା ହେଲା ସାମାଜିକ ଆଦର୍ଶ । ସାମାଜିକ ମାନ, ସମ୍ମାନ, ରାଜନୈତିକ ପ୍ରତିପତ୍ତି, ଶିକ୍ଷା ଓ ସାଂସ୍କୃତିକ କ୍ଷେତ୍ରରେ ପ୍ରଭାବ ପ୍ରଭୃତି ଅର୍ଥ ଉପରେ ନିର୍ଭର କରେ । ଏହି ଟଙ୍କା ପାଇଁ ଲୋକେ ସ୍ତ୍ରୀ ଲୋକଙ୍କୁ ବଜାରରେ ବିକ୍ରୀ କରନ୍ତି । ଟଙ୍କା ଲୋଭରେ ସ୍ତ୍ରୀମାନେ ନିଜର ଯୌବନ ବିକ୍ରୀ କରନ୍ତି- ଟଙ୍କା ପାଇଁ ନରହତ୍ୟା କରିବା ପାଇଁ ଲୋକେ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ; କାରଣ ଯଥେଷ୍ଟ ଟଙ୍କା ହାତରେ ଥିଲେ ସେ ସମାଜରେ ପ୍ରତିଷ୍ଠିତ ହୋଇପାରିବ । ତା' ନହେଲେ ସେ ଯେତେ ଯୋଗ୍ୟ ବ୍ୟକ୍ତି ହେଉପଛେ ଭୋକରେ ମରିବ- ରୋଗରେ ଚିକିତ୍ସା ହୋଇପାରିବ ନାହିଁ, ପିଲାମାନଙ୍କର ଶିକ୍ଷା ହୋଇପାରିବ ନାହିଁ- ଶେଷରେ ଆତ୍ମହତ୍ୟା କରିବାକୁ ପଡ଼ିପାରେ, ତେଣୁ ଟଙ୍କା ଛଡ଼ା ମନୁଷ୍ୟ ଜୀବନରେ ଆଉ କୌଣସି ମାନବିକ ମୂଲ୍ୟ ନାହିଁ । କିନ୍ତୁ ସମାଜବାଦୀ ସମାଜରେ ଟଙ୍କା ପାଇଁ ମନୁଷ୍ୟ ସମ୍ମାନର ଅଧିକାରୀ ହୁଏନାହିଁ । ସୋଭିଏତ୍ ରୁଷ୍‌ର ଲୋକେ ସେମାନଙ୍କର ସାମାଜିକ କୃତି ସାମାଜିକ ସୁଖଶାନ୍ତି ଲାଗି ବିଶେଷ ଅବଦାନ ପାଇଁ ସର୍ବୋଚ୍ଚ ସାମାଜିକ ସମ୍ମାନ ପାଆନ୍ତି- ଏଠାରେ ଲେଖକ, ବୈଜ୍ଞାନିକ, କଳାକାର ସବୁଠୁ ବେଶି ସାମାଜିକ ସମ୍ମାନ ଏବଂ ସେମାନଙ୍କର ଜନକଲ୍ୟାଣ କାର୍ଯ୍ୟ ଲାଗି ସମସ୍ତଙ୍କଠାରୁ ବେଶି ପାରିଶ୍ରମିକ ମଧ୍ୟ ପାଆନ୍ତି । ଏଥିରେ ପୃଥିବୀରେ କାହାରି ସନ୍ଦେହ ନାହିଁ । ରୁଷିଆର ପ୍ରଧାନମନ୍ତ୍ରୀ, ପ୍ରେସିଡେଣ୍ଟ କିମ୍ବା ଅନ୍ୟାନ୍ୟ ନେତାମାନେ କ'ଣ ଧନ-କୁବେର ହୋଇଥିବାରୁ ଉଚ୍ଚ ଆସନ ଲାଭ କରିଛନ୍ତି ? ଆମେରିକାର କେଉଁ ଗଭର୍ଣ୍ଣର, କେଉଁ ପ୍ରେସିଡେଣ୍ଟ, କେଉଁ ସିନେଟର ଧନ-କୁବେର ନୁହନ୍ତି ? ଆମେରିକାର ବିଶିଷ୍ଟ ବୈଜ୍ଞାନିକ, ଲେଖକ କିମ୍ବା ଅଧ୍ୟାପକ କ'ଣ ରକ୍‌ଫେଲରଙ୍କ ଠାରୁ ବେଶି ସମ୍ମାନ ପାଆନ୍ତି ? ସାମାଜିକ ଅବଦାନ ଅନୁସାରେ ସାମାଜିକ ଶ୍ରଦ୍ଧା, ସମ୍ମାନ ଓ ପ୍ରତିଷ୍ଠା ପାଇବାର ଏ ଯେଉଁ ଅଭିନବ ବୈପ୍ଳବିକ ପଦ୍ଧତି ଏହାହିଁ ରୁଷଦେଶର ଚରମ ସାଫଲ୍ୟର ଗୋଟିଏ ପ୍ରଧାନ ଭିତ୍ତି । ସେହି କାରଣରୁହିଁ ଏଠାରେ ସୃଜନଶୀଳତାର ଅପରିସୀମ ପରିପ୍ରକାଶ ଘଟିଛି ।

**121.** 'ଯୋଗ୍ୟ' - ଶବ୍ଦର ବିପରୀତ କ'ଣ ?
(1) ହତଭାଗ୍ୟ (2) ଗୁଆଁର (3) ଅଯୋଗ୍ୟ (4) ମୂର୍ଖ

**122.** କେଉଁ କାରଣରୁ ସୃଜନଶୀଳତାର ଅପରିସୀମ ପରିପ୍ରକାଶ ଘଟିଛି ବୋଲି ଲେଖକ କହିଛନ୍ତି ?
(1) ସାମାଜିକ ଅବଦାନ ପାଇଁ
(2) ଅର୍ଥର ପ୍ରାଚୁର୍ଯ୍ୟ ପାଇଁ
(3) ନୀତିନିଷ୍ଠ ଶାସନ ପାଇଁ
(4) ଆତ୍ମନିର୍ଭରଶୀଳତା ପାଇଁ

**123.** ଅର୍ଥ କେଉଁ ଦେଶର ସାମାଜିକ ଆଦର୍ଶ ପାଲଟିଛି ?
(1) ଗଣତାନ୍ତ୍ରିକ ରାଷ୍ଟ୍ରର
(2) ସମାଜବାଦୀ ରାଷ୍ଟ୍ରର
(3) ଅଣସମାଜବାଦୀ ରାଷ୍ଟ୍ରର
(4) ମାର୍କସବାଦୀ ରାଷ୍ଟ୍ରର

**124.** କାହା ବ୍ୟତିରେକେ ଜୀବନରେ କୌଣସି ମାନବିକ ମୂଲ୍ୟ ନାହିଁ ?
(1) ପ୍ରତିପତ୍ତି (2) ରାଜନୀତି (3) ଅର୍ଥ (4) କ୍ଷମତା

**125.** ଜନକଲ୍ୟାଣ କାର୍ଯ୍ୟ ପାଇଁ କେଉଁ ଦେଶ ସବୁଠାରୁ ଅଧିକ ପାରିଶ୍ରମିକ ଦେଇଥାଏ ?
(1) ଇରାକ (2) ଉତ୍ତରକୋରିଆ (3) ସୋଭିଏତ୍ ରୁଷ୍ (4) ଭାରତ

**126.** ଆଜିକାଲି ହାତରେ ଯଥେଷ୍ଟ ଅର୍ଥ ଥିଲେ କ'ଣ ମିଳିପାରିବ ?
(1) ସମାଜରେ ଯଶ
(2) ସମାଜରେ ପ୍ରତିଷ୍ଠା
(3) ସମାଜରେ ସ୍ଥାନ
(4) ସମାଜରେ ଗୌରବ

www.careerindia.com

CAREERINDIA

**127.** 'ମାନବିକ'- ଶବ୍ଦରେ କେଉଁ ପ୍ରତ୍ୟୟ ରହିଛି ?

(1) ଉକ (2) ଇକ (3) ଆକ (4) ଅକ

**128.** କେଉଁ ଦେଶରେ ସାମାଜିକ କୃତି ପାଇଁ ବ୍ୟକ୍ତି ସର୍ବୋଚ୍ଚ ସମ୍ମାନ ଲାଭ କରିଥାଏ ?

(1) ଆମେରିକା (2) ଇଂଲଣ୍ଡ (3) ସୋଭିଏତ୍ ରୁଷ୍ (4) ଜର୍ମାନୀ

**ନିମ୍ନଲିଖିତ ଅନୁଚ୍ଛେଦ ପାଠକରି ପ୍ରଶ୍ନସଂଖ୍ୟା 129-135 ର ଉତ୍ତର ଦିଅ ।**

ମାୟା ବା ଅଜ୍ଞାନତା ଦୂରୀଭୂତ ନହେଲେ ମହାଭାବର ଉଦ୍ରେକ ହୁଏନାହିଁ । ଅଜ୍ଞାନତାଜନିତ ସକଳ ମୋହ, ସଂକୀର୍ଣ୍ଣତା ଦୂରୀଭୂତ ହେବ ଯେତେବେଳେ ମାନବ ବିଶ୍ୱର ଯାବତୀୟ ବିଭିନ୍ନତା ମଧ୍ୟରେ ଏକତ୍ୱ ଉପଲବ୍ଧି କରିବ । ସେଥିପାଇଁ ସିନା ଉପନିଷଦ କହେ- 'ଯସ୍ମିନ୍ ସର୍ବାଣି ଭୂତାନ୍ୟାତ୍ମୈବ ଭୂଦ୍ ବିଜାନତଃ' । ତତ୍ର କୋ ମୋହଃ କଃ ଶୋକ ଏକତ୍ୱମନୁପଶ୍ୟତଃ । ସମସ୍ତ ଭୂତ ଅନନ୍ତ ଆତ୍ମଶକ୍ତିରେ 'ସୂତ୍ରେ ମଣି ଗଣାଇବ' (ସୂତାରେ ମଣିମାନ ଗ୍ରଥିତ ହୋଇ ରହିଲା ପରି) ଅବସ୍ଥିତ ଲାଭ କରିଅଛନ୍ତି ଏବଂ ସମସ୍ତଙ୍କ ମଧ୍ୟରେ ସେହି ଏକ ପରମଶକ୍ତି ବିଦ୍ୟମାନ ରହି ସେମାନଙ୍କୁ ଜୀବିତ ତଥା ବିକଶିତ କରୁଅଛି । ଏହି ମହାଭାବର ଉପଲବ୍ଧି ହେଲେ ମାନବ ସକଳ ଜୀବଧର୍ମରୁ ମୁକ୍ତିଲାଭ କରି ଜୀବନ୍ମୁକ୍ତ ହୁଏ । ସଂକୀର୍ଣ୍ଣ ସ୍ୱାର୍ଥ ବା ଇନ୍ଦ୍ରିୟ ଭୋଗର ନିଗଡ଼ ବନ୍ଧନରେ ଛନ୍ଦି ନହୋଇ ମୁକ୍ତ ବିହଙ୍ଗବତ୍ ବିଶ୍ୱଭ୍ରାତୃତ୍ୱ ବା ବିଶ୍ୱପ୍ରେମର ମହାକାଶରେ ଉଡ଼ିବୁଲେ । ସେତେବେଳେ ସମଗ୍ର ବିଶ୍ୱ ତା'ର ସେ ସମଗ୍ର ବିଶ୍ୱର । ସେତେବେଳେ ସେ ମେଦ-ମାଂସ-ବିଶିଷ୍ଟ ପ୍ରବୃତ୍ତିପ୍ରବଣ ଜୀବମାତ୍ର ନୁହେଁ । ସଂକୀର୍ଣ୍ଣ ସ୍ୱାର୍ଥାନ୍ୱେଷୀ ବ୍ୟକ୍ତି ନୁହେଁ, ସେତେବେଳେ ସେ ପୁରୁଷତ୍ୱର ଚରମ-ବିକାଶ-ସେ ପୁରୁଷୋତ୍ତମ । ଆତ୍ମାର ଏହି ବିଶାଳତା ଅନୁଭବ କରିବା ଉପରେ ହିଁ ବିଶ୍ୱଭ୍ରାତୃତ୍ୱ ନିର୍ଭର କରେ । ସେଥିପାଇଁ ଆମ ଶାସ୍ତ୍ର କହେ - 'ଅୟଂ ନିଜଃ ପରୋବେତି ଗଣନା ଲଘୁ ଚେତସାଂ । ଉଦାର ଚରିତାନାଂତୁ ବସୁଧୈବ କୁଟୁମ୍ବକଂ ।' ଏଥିରୁ ସ୍ପଷ୍ଟ ଅନୁମିତ ହେବ, ବିଶ୍ୱଭ୍ରାତୃତ୍ୱ ଆଧ୍ୟାତ୍ମିକ ଭିତ୍ତିରେ ହିଁ ପ୍ରତିଷ୍ଠିତ ମାନବ ଜାତିର ପୂର୍ଣ୍ଣ ଅଭିବ୍ୟକ୍ତିର ବିଧାୟକ । ଦିନ ଥିଲା; ସେତେବେଳେ ଭାରତର ଏହି ମହାମନ୍ତ୍ର ଜଗତକୁ ପ୍ରଭାବିତ କରିଥିଲା ଏବଂ ଏହାରି ବଳରେ ଭାରତର ଜ୍ଞାନବିଜ୍ଞାନ ପୃଥିବୀକୁ ମୁଗ୍ଧ କରିଥିଲା- 'ଭାରତ ଭାବନା'ର କବିଙ୍କ ଭାଷାରେ, ତାହାର ଜ୍ଞାନାମୃତ ପାନ କରି ଧରଣୀ କୃତାର୍ଥ ହୋଇଥିଲା ।

**129.** ବିଭିନ୍ନତା ମଧ୍ୟରେ ଏକତା କେତେବେଳେ ଆସିବ ?

(1) ବିଶ୍ୱପ୍ରେମ ଜନ୍ମନେଲେ (2) ସଂକୀର୍ଣ୍ଣତା ଦୂରହେଲେ
(3) ସଦ୍ଭାବର ବୃଦ୍ଧି ହେଲେ (4) ଏକାକୀତ୍ୱର ବିଲୋପ ଘଟିଲେ

**130.** ମାନବ ସକଳ ଜଞ୍ଜାଳରୁ କିପରି ମୁକ୍ତି ପାଇପାରିବ ?

(1) ବିଶ୍ୱପ୍ରେମକୁ ଆପଣାଇଲେ (2) ବିଷୟବାସନା ଛାଡ଼ିଲେ
(3) ପ୍ରକୃତିକୁ ଭଲ ପାଇଲେ (4) ମହାଭାବର ମହତ୍ତ୍ୱ ବୁଝିଲେ

**131.** ଆତ୍ମାର ବିଶାଳତା ଉପରେ କିଏ ସତତ ନିର୍ଭରଶୀଳ ?

(1) ବିଶ୍ୱଭାତୃତ୍ୱ (2) ନଶ୍ୱର ଭାବନା (3) ଭାବର ଉନ୍ନତି (4) ବିଶ୍ୱପ୍ରେମ

**132.** ବିଶ୍ୱପ୍ରେମର ମହାକାଶରେ କିଏ ଉଡ଼ିବୁଲିଥାଏ ?

(1) ଭକ୍ତିପ୍ରସୂନ (2) ନୈସର୍ଗିକ ପ୍ରୀତି (3) ସଂକୀର୍ଣ୍ଣ ସ୍ୱାର୍ଥ (4) ମାନବାତ୍ମା

**133.** 'ବିହଙ୍ଗ' - ପାଠ୍ୟରେ କାହାକୁ ବୁଝାଉଛି ?

(1) ପଶୁ (2) ପକ୍ଷୀ (3) ଇତର ଜୀବ (4) ସର୍ପ

**134.** ଭାରତର କେଉଁ ମନ୍ତ୍ର ବିଶ୍ୱପ୍ରତି ବଡ଼ ଅବଦାନ ?

(1) ଆତ୍ମୋନ୍ନତି (2) ବିଷୟୋନ୍ନତି (3) ବିଶ୍ୱାୟନ ଦୃଷ୍ଟି (4) ବିଶ୍ୱଭାତୃତ୍ୱ

www.careerindia.com

CAREERINDIA

**135.** ମଣିଷ କେତେବେଳେ ପୁରଷୋତ୍ତମ ପର୍ଯ୍ୟାୟକୁ ଉନ୍ନୀତ ହେବ ?

(1) ନୀତିମୟ ଜୀବନଯାପନ କଲେ
(2) ନିଜର ସ୍ୱାର୍ଥ ଛାଡ଼ିପାରିଲେ
(3) ପୁରୁଷତ୍ୱର ବିକାଶ ଘଟିଲେ
(4) ବିଭୁକୃପା ମିଳିଲେ

**136.** ଏମାନଙ୍କ ମଧ୍ୟରୁ କେଉଁଟି ମୂଲ୍ୟାୟନ ବିଷୟରେ ସୂଚନା ଦେଇ ନଥାଏ ?

(1) ଏହା ଶିକ୍ଷାର୍ଥୀଙ୍କର ଶିକ୍ଷା ସମ୍ପାଦନର ଦୃଢ଼ ନମୂନା ଦେଇଥାଏ
(2) ଏହା ଶିକ୍ଷାର୍ଥୀଙ୍କର ବିକାଶର ଗତିର ମୂଲ୍ୟାୟନ କରିଥାଏ
(3) ଏହା କେବଳ ଶିକ୍ଷକଙ୍କ ଦ୍ୱାରା ହିଁ ସମ୍ଭବ
(4) ଏହା ଶିକ୍ଷାର୍ଥୀଙ୍କର ବିକାଶର ଏକ ପୂର୍ଣ୍ଣାଙ୍ଗ ମତ ଦିଏ

**137.** ବହୁଭାଷିକତା ଓ ବହୁ ସାଂସ୍କୃତିକତାର ପ୍ରଚାର କରିବାରେ କେଉଁ ବିଭାଗ ଅଧିକ ଉପଯୋଗୀ ?

(1) ଆତ୍ମଜୀବନୀ (2) ବୈଜ୍ଞାନିକ କଥା ସାହିତ୍ୟ (3) ଦୀର୍ଘଗଳ୍ପ (4) ଲୋକକଥା

**138.** ଷ୍ଟିଫେନ୍ କ୍ରାସେନ୍‌ଙ୍କର ମନିଟର୍ ହାଇପୋଥିସିସ୍ ସମ୍ପର୍କରେ ଏଥିମଧ୍ୟରୁ କେଉଁଟି ସତ୍ୟ ନୁହେଁ ?

(1) ଆହରଣ ଓ ଶିକ୍ଷଣ ମଧ୍ୟରେ ସମ୍ପର୍କ ଆଧାରରେ
(2) ''କ'ଣ ଆହରଣ କରାଯାଇଥାଏ''- ''କ'ଣ ଶିକ୍ଷଣ କରାଯାଇଥାଏ'' କୁ ନିୟନ୍ତ୍ରଣ କରେ
(3) ଶିକ୍ଷାର୍ଥୀ ନିୟନ୍ତ୍ରଣ କରିପାରିବେ, ଯଦି ତାଙ୍କ ପାଖରେ ଅଧିକ ସମୟ ଏବଂ ଅଧିକ ଜ୍ଞାନ ଥିବ
(4) ଏହା ଦ୍ୱିତୀୟ ଭାଷା ଆହରଣ କ୍ଷେତ୍ରରେ ବ୍ୟବହୃତ ହୋଇଥାଏ

**139.** ଏଥିମଧ୍ୟରୁ କେଉଁଟି ପାଠ୍ୟର ବୋଧଶକ୍ତି ଜ୍ଞାନ ଏବଂ ଶବ୍ଦଜ୍ଞାନର ବିକାଶ ନିମନ୍ତେ ସହାୟକ ହୋଇନଥାଏ ?

(1) ଅକ୍ଷର ଚାର୍ଟ (2) ବିଷୟବସ୍ତୁ ମାନଚିତ୍ର (3) ଛବିଳ ଶବ୍ଦକୋଷ (4) ଶବ୍ଦ ମାନଚିତ୍ର

**140.** ଏଥିମଧ୍ୟରୁ କେଉଁଟି ଶିଶୁସାହିତ୍ୟର ଏକ ଆବଶ୍ୟକୀୟ ବିଭବ ନୁହେଁ ?

(1) ଅତ୍ୟଧିକ ନୀତି ଓ ଆଦର୍ଶ
(2) ବଡ଼ ଆକାରରେ ଛାପା ପରିଚିତ ଶବ୍ଦ
(3) ଆକର୍ଷଣୀୟ ଛବି
(4) ପଶୁ ଚରିତ୍ର

**141.** ଦୁଇ ମୁଖ୍ୟ ମୂଲ୍ୟାୟନ ସମ୍ପର୍କରେ ଏଥିମଧ୍ୟରୁ କେଉଁ ମନ୍ତବ୍ୟଟି ଠିକ୍ ?

(1) ସମେଟିଭ୍ ଆକଳନ ସାରା ବର୍ଷ ଚାଲିଥିବା ମୂଲ୍ୟାୟନ ଧାରାର ଯୋଗଫଳ
(2) ଶିକ୍ଷଣ କାଳରେ ବୋଧଜ୍ଞାନ ମୂଲ୍ୟାୟନ ଅହରହ ଚାଲିଥାଏ
(3) ଆକଳନ ପରିକଳ୍ପନା ସାରା ବର୍ଷ ଧରି ଚାଲିଥିବା ଛୋଟ ପରୀକ୍ଷା ଠାରୁ ଆରମ୍ଭ କରି ମୁଖ୍ୟ ସମୀକ୍ଷା ପର୍ଯ୍ୟନ୍ତ
(4) ବୋଧଜ୍ଞାନ ଆକଳନ କାର୍ଯ୍ୟ ଅପେକ୍ଷା ଗଠନ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରିଥାଏ

**142.** ଏଥିମଧ୍ୟରୁ କେଉଁଟି କଥୋପକଥନ ପଦ୍ଧତିର ଏକ ବୈଶିଷ୍ଟ୍ୟ ନୁହେଁ ?

(1) ଭାଷାର ପ୍ରସଙ୍ଗାନୁସାରେ ବ୍ୟବହାର
(2) ବାହ୍ୟ ପଠନ ବଦଳରେ ବ୍ୟାକରଣ ନିୟମ ଶିଖାଇବା
(3) ବାର୍ତ୍ତାଳାପ ଦକ୍ଷତାର ବିକାଶ
(4) କାର୍ଯ୍ୟ ଅପେକ୍ଷା ଗଠନ ଉପରେ ଗୁରୁତ୍ୱ

www.careerindia.com

CAREERINDIA

**143.** ହିନ୍ଦୀ ଭାଷୀ ଶିକ୍ଷାର୍ଥୀଙ୍କୁ, ଜଣେ ଶିକ୍ଷକ ଇଂରେଜୀକୁ ଦ୍ୱିତୀୟ ଭାଷା ଭାବରେ ଶିକ୍ଷାଦାନ କଲାବେଳେ, ସେମାନଙ୍କୁ ନିୟମ ନଜଣାଇ ସାମାନ୍ୟ କଥୋପକଥନ ମାଧ୍ୟମରେ ପ୍ରସଙ୍ଗ ଜାଣିବାର ସୁଯୋଗ ଦେଇଥାନ୍ତି । ସେ କଥୋପକଥନରେ ବ୍ୟବହାର ହେବା ଭଳି ଉଦାହରଣ ପ୍ରଦାନ କରିଥାନ୍ତି । କ୍ରମେ କ୍ରମେ ସେମାନେ ନିଜେ ନିଜେ ନିୟମ ଜାଣିପାରିଥାନ୍ତି ଏବଂ ଶିକ୍ଷକଙ୍କର ମଧ୍ୟ ଏଦିଗରେ ସାହାଯ୍ୟ ଥାଏ । ଶିକ୍ଷକ ଏ କ୍ଷେତ୍ରରେ କେଉଁ ପଦ୍ଧତି ଅବଲମ୍ବନ କରିଥାନ୍ତି ?

(1) ଶ୍ରାବ୍ୟ-ଭାଷିକ ପଦ୍ଧତି (2) ବାର୍ତ୍ତାଳାପ ପଦ୍ଧତି
(3) ପ୍ରତ୍ୟକ୍ଷ ପଦ୍ଧତି (4) ବ୍ୟାକରଣ-ଅନୁବାଦ ପଦ୍ଧତି

**144.** ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ପାଠ୍ୟର ବିଷୟବସ୍ତୁ ଜାଣିବା ପାଇଁ ଯେତେବେଳେ ଜଣେ ସଦ୍ୟ ଶିକ୍ଷାରେ ଯୋଗ ଦେଇଥିବା ଶିକ୍ଷାର୍ଥୀ ପାଠ୍ୟର ବିଷୟବସ୍ତୁ ଏବଂ ସାମାଜିକ ଦିଗ ସମ୍ପର୍କରେ ନିଜର ସାଧାରଣ ଜ୍ଞାନ ବ୍ୟବହାର କରେ, ସେତେବେଳେ ତାହା ହୁଏ __________ ପଦ୍ଧତି ।

(1) ଊର୍ଦ୍ଧ୍ୱ-ଊର୍ଦ୍ଧ୍ୱ ପଦ୍ଧତି (2) ନିମ୍ନ-ଊର୍ଦ୍ଧ୍ୱ ପଦ୍ଧତି (3) ନିମ୍ନ-ନିମ୍ନ ପଦ୍ଧତି (4) ଊର୍ଦ୍ଧ୍ୱ-ନିମ୍ନ ପଦ୍ଧତି

**145.** ଏଥିମଧ୍ୟରୁ କେଉଁଟି ଶିକ୍ଷଣର ମୁଖ୍ୟ ବିଭାଗ ନୁହେଁ ?

(1) ସାମାଜିକ-ସାଂସ୍କୃତିକ (2) ପ୍ରଭାବଶାଳୀ (3) ସାଇକୋମଟର (4) ବୋଧଶକ୍ତି

**146.** ଏଥିମଧ୍ୟରୁ କେଉଁଟି ଇନ୍‌କ୍ଲୁସିଭ୍ କ୍ଲାସରୁମ୍ ପ୍ରସ୍ତୁତ କରିବାରେ ସାହାଯ୍ୟ କରେନାହିଁ ?

(1) ଦଳଗତ କାର୍ଯ୍ୟ ପ୍ରଦାନ
(2) ବହୁଭାଷିକତା ପଦ୍ଧତି ଗ୍ରହଣ
(3) ଶ୍ରେଣୀର କେତେକ ଶିକ୍ଷାର୍ଥୀଙ୍କୁ ମନିଟର୍ ବାଛିବା
(4) ପିଅର୍ ଗ୍ରୁପ୍ ସହିତ ବାର୍ତ୍ତାଳାପ ଏବଂ ଫିଡ୍‌ବ୍ୟାକ୍ ପଦ୍ଧତି

**147.** ଏଥିମଧ୍ୟରୁ କେଉଁଟି ବୋଧଜ୍ଞାନ ଆକଳନ (ଫର୍‌ମେଟିଭ୍ ଆସେସ୍‌ମେଣ୍ଟର) ଉଦାହରଣ ନୁହେଁ ?

(1) ପଠନ କାର୍ଯ୍ୟର ଶେଷରେ ଟର୍ମ ପେପର ଦେବା
(2) ଦୀର୍ଘ ସମୟ ଧରି ଲିଖନ ପରୀକ୍ଷା ସହ ଅନ୍ୟ କେତେକ କାର୍ଯ୍ୟର ଆକଳନ
(3) ମୂଲ୍ୟାୟନ ଧାରା ଛୋଟଛୋଟ ପରୀକ୍ଷାଠାରୁ ଆରମ୍ଭ କରି ମୁଖ୍ୟ ସମୀକ୍ଷା ପର୍ଯ୍ୟନ୍ତ ଆକଳନ
(4) ସାରା ବର୍ଷ ଅନେକ ମୌଖିକ ଏବଂ ଲିଖିତ ପରୀକ୍ଷା, ରୋଲ୍‌ପ୍ଲେ କରାଇବା

**148.** ଶିକ୍ଷଣରେ ଅଭାବ ଅନୁଧ୍ୟାନ କରିବା ନିମନ୍ତେ ତ୍ରୁଟି ଅଧ୍ୟୟନ ଜରୁରୀ ।

(1) ତ୍ରୁଟି ଶିକ୍ଷାର୍ଥୀଙ୍କର ମନ ଏବଂ ସ୍ତର ଜାଣିବା ପାଇଁ ବାତାୟନ ସଦୃଶ୍ୟ କାର୍ଯ୍ୟକରେ
(2) ଶିକ୍ଷାର୍ଥୀଯେ ବୁଝିନାହାନ୍ତି ଏହା ତ୍ରୁଟି ସୂଚାଇଥାଏ
(3) ବିକାଶ ଓ ଆଗ୍ରହ ଆଦି ବିଚାର ତ୍ରୁଟି ମାଧ୍ୟମରେ ସୂଚିତ ହୋଇଥାଏ
(4) ଶିକ୍ଷାର୍ଥୀଙ୍କର ଧ୍ୟାନର ଅଭାବରୁ ଅନେକ ତ୍ରୁଟି ଦେଖାଯାଇଥାଏ

**149.** 'p' କୁ 'b' କିମ୍ବା '6' କୁ '9' ଭାବରେ ପଠନ ଓ ଲିଖନର ଏକ ସାଧାରଣ ତ୍ରୁଟି ଶିଶୁଙ୍କ ପାଖରେ ଦେଖାଦେଇଥାଏ, ଯେଉଁମାନେ __________ ର ଶିକାର ହୋଇଥାନ୍ତି ।

(1) ଆଫେଜିଆ (2) ଆନେମିଆ (3) ଡିସ୍‌ଲେକ୍ସିଆ (4) ଖନେଇବା

**150.** ଆନ୍ତର୍ବୈକ୍ତିକ ବାକ୍ୟାଳାପ କୌଶଳର ମୂଳକୁ __________ କୁହାଯାଏ ।

(1) ଭାଷା ଅବୋଧ୍ୟତା (2) ଦୈନନ୍ଦିନ ବାର୍ତ୍ତାଳାପରେ ଭାଷା ବ୍ୟବହାର
(3) ଆନ୍ତର୍ଭାଷା (4) ଊର୍ଦ୍ଧ୍ୱ ଧାରାର ଭାଷା କୌଶଳ

- o O o -

www.careerindia.com

